କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-44, Monday 16 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୪ ■ ସୋମବାର ୧୬ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ଆଦିବାସୀ ଅଞ୍ଚଳର ବିକାଶ ପାଇଁ ୧୬୧ କୋଟିର ପ୍ରକଳ୍ପ ଘୋଷଣା

ମାଲକାନଗିରି, ୧୬/୧୧: ଆଦିବାସୀ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ଅଧିକ ଗତି ଦେବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ପାଇଁ ୧୬୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜନଜାତୀୟ ଗୌରବ ଦିବସ ଅବସରରେ ରବିବାର ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଏହି ଘୋଷଣା କରାଯାଇଛି।



ଆଦିବାସୀ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ଜୀବନଜୀବିକାର ଉନ୍ନତି ରାଜ୍ୟର ସମଗ୍ର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ। ଦୀର୍ଘଦିନ ଧରି ଅନେକ ଦୁର୍ଗମ ଅଞ୍ଚଳର ଲୋକେ ରାସ୍ତା, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଆସିଛନ୍ତି। ଏପରି ସ୍ଥିତିରେ ଏହି ପ୍ରକଳ୍ପଗୁଡ଼ିକ ଯଦି ଠିକ୍ ସମୟରେ ଓ ସ୍ୱଚ୍ଛତାର ସହିତ କାର୍ଯ୍ୟକାରୀ ହୁଏ, ତେବେ ସ୍ଥାନୀୟ ଜନସାଧାରଣ ଉପକୃତ ହୋଇପାରିବେ। କେବଳ ଅର୍ଥ ଘୋଷଣା କରିଦେଲେ ବିକାଶ ହୁଏ ନାହିଁ। ପ୍ରକଳ୍ପର କାର୍ଯ୍ୟାନ୍ୱୟନ, ଗୁଣବତ୍ତା ଓ ନିର୍ଦ୍ଧାରିତ ସମୟରେ କାମ ସମାପ୍ତ ହେବା ଉପରେ ପ୍ରଶାସନକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଗ୍ରାମସଭା ଓ ସ୍ଥାନୀୟ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଗଲେ ବିକାଶର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ।

୧୯ ରାତିରେ ଲ୍ୟାଣ୍ଡଫଲ କରିବ ବାତ୍ୟା 'ଅକଭାନ'

ଭୁବନେଶ୍ୱର,୧୬/୧୧: ସମ୍ଭାବ୍ୟ ବାତ୍ୟା 'ଅକଭାନ' ଗତିପଥ ଓ ଲ୍ୟାଣ୍ଡଫଲ୍‌କୁ ନେଇ ତାଜା ଆକଳନ ଜାରି କରିଛନ୍ତି ବିଭିନ୍ନ ମଡେଲ୍ ଓ ବିଶେଷଜ୍ଞ । ଏହି ଆକଳନ ଅନୁସାରେ ବାତ୍ୟା ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡ଼କୁ ମୁହାଁଇପାରେ । ଯଦି ଏଭଳି ହୁଏ, ତେବେ ଓଡ଼ିଶାରେ ଏହାର ବଡ଼ ପ୍ରଭାବ ପଡ଼ିନପାରେ । ତଥାପି ବର୍ଷା ସହ ପବନ ଆଶଙ୍କା ରହିଛି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁଙ୍କ କହିବାନୁସାରେ ସମ୍ଭାବ୍ୟ ବାତ୍ୟା ଭୀଷଣ ରୂପ ନେବା ଆଶଙ୍କା ଅଛି । ଆସନ୍ତା ୧୯ ତାରିଖ ରାତିରେ ଉତ୍ତର



ତାମିଲନାଡୁରୁ ଦକ୍ଷିଣ ଆନ୍ଧ୍ର ଉପକୂଳ ମଧ୍ୟରେ ଏହା ସ୍ଥଳଭାଗରେ ପ୍ରବେଶ (ଲ୍ୟାଣ୍ଡଫଲ୍) କରିପାରେ । ଏହା ପ୍ରଭାବରେ ଓଡ଼ିଶାରେ ମଧ୍ୟମରୁ ପ୍ରବଳ ବର୍ଷା ଆଶଙ୍କା ରହିଛି । ଏ ନେଇ ଆଗକୁ ଚିତ୍ର ଅଧିକ ସ୍ପଷ୍ଟ ହେବ । ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ସମ୍ଭାବ୍ୟ ବାତ୍ୟାର ଲ୍ୟାଣ୍ଡଫଲ୍ ନେଇ ଏଯାବତ୍ କୌଣସି ନିର୍ଦ୍ଦିଷ୍ଟ ସୂଚନା ଜାରି କରିନି । ହେଲେ ଶନିବାର ରାତିରେ ଆଇଏମଡି ଜାରି କରିଥିବା ବାତ୍ୟାର ସମ୍ଭାବ୍ୟ ଗତିପଥ ଚିତ୍ରରୁ ଜଣାପଡୁଛି, ଆନ୍ଧ୍ରର ଦକ୍ଷିଣ ଉପକୂଳକୁ ମୁହାଁଇପାରେ ଅକଭାନ୍ ।







ସୋମବାର ୧୬ ନଭେମ୍ବର ୨୦୨୬



କନିକାରେ ଶ୍ରୀ ଅଶୋକ ସିଂହଲଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭବ୍ୟ ହିନ୍ଦୁ ସମ୍ମିଳନୀ



ସୁନ୍ଦରଗଡ଼: ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ କନିକା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଅନ୍ତର୍ଜାତୀୟ ଅଧ୍ୟକ୍ଷ ସ୍ୱର୍ଗତ ଶ୍ରୀ ଅଶୋକ ସିଂହଲଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକ ଭବ୍ୟ ହିନ୍ଦୁ ସମ୍ମିଳନୀ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ପରିମିତା ମହାଲା ଯୋଗଦେଇ ନିଜର ମତାମତ ଓ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ସେହିପରି ମଞ୍ଚରେ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା ପଶ୍ଚିମର ଉପସଭାପତି ଭକ୍ତଚରଣ ସାହୁ ଏବଂ ଓଡ଼ିଶା ପଶ୍ଚିମ ପ୍ରାନ୍ତର ଅଧ୍ୟକ୍ଷ ଅଶୋକ କୁମାର ଗାନ୍ଧୀ ଉପସ୍ଥିତ ଥିଲେ ।ଏହି ଅବସରରେ ହିନ୍ଦୁ ସମାଜର ଏକତା, ସଂସ୍କୃତି, ପରମ୍ପରା ଓ ସାମାଜିକ ସଚେତନତା ଉପରେ ଅତିଥିମାନେ ନିଜ ନିଜର ମତ ରଖିଥିଲେ । କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ, ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ସମସ୍ତଙ୍କ ଉପସ୍ଥିତିରେ ସମ୍ମିଳନୀଟି ଉତ୍ସାହପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିଲା । କନିକାଠାରେ ଆୟୋଜିତ ଏହି ହିନ୍ଦୁ ସମ୍ମିଳନୀକୁ ନେଇ ସମଗ୍ର ଅଞ୍ଚଳରେ ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା ।

ମାନନୀୟ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ନିବେଦନ

ବିଷୟ: ଢେଙ୍କାନାଳ ଜିଲ୍ଲା କାଇମାଟି ଗ୍ରାମରେ ହାଇସ୍କୁଲ ନିକଟରେ ଜୀବନ୍ତ ଗଛ କଟା ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ ଓ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ

ମୁଁ ରଞ୍ଜିତ ଦେହୁରୀ, ଜଣେ ସାମାଜିକ କର୍ମୀ
ମୋର ଗ୍ରାମ କାଇମାଟି, କାଇମାଟି ଗ୍ରାମ ପଞ୍ଚାୟତ, ଢେଙ୍କାନାଳ ଜିଲ୍ଲା, ଢେଙ୍କାନାଳ ସଦର ଫରେଷ୍ଟ ରେଞ୍ଜ ଅଧୀନରେ ଅବସ୍ଥିତ । ଏହି ଘଟଣାଟି ପ୍ରାୟ ୩–୪ ଦିନ ମଧ୍ୟରେ ଘଟିଥିବା ଜଣାପଡୁଛି । ମୋ ଗ୍ରାମର ହାଇସ୍କୁଲ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଦୁଇଟି ଜୀବନ୍ତ ଗଛକୁ କାଟି ଦିଆଯାଇଛି । ଉକ୍ତ ଗଛଗୁଡ଼ିକ ରାସ୍ତାଚାରୀ ଓ ସାଧାରଣ ଲୋକଙ୍କୁ ଛାଇ ପ୍ରଦାନ କରୁଥିଲା ଏବଂ ସେଗୁଡ଼ିକ ଯୋଗୁଁ କୌଣସି ତୁରନ୍ତ ଅସୁବିଧା ଥିବା ବିଷୟ ମୋ ଜ୍ଞାନରେ ନାହିଁ । ଘଟଣାଟି ସଦ୍ୟ ଘଟିଥିବାରୁ ଯଥାଶୀଘ୍ର ସ୍ଥଳ ପରିଦର୍ଶନ, ଗଛ କଟାର ଚିହ୍ନ, କାଠର ଅବସ୍ଥାନ, ଫଟୋ/ଭିଡିଓ ଓ ଅନ୍ୟାନ୍ୟ ପ୍ରମାଣ ସୁରକ୍ଷିତ କରି ତଦନ୍ତ କରାଯିବା ଅତ୍ୟନ୍ତ ଆବଶ୍ୟକ । ଏହି ଗଛଗୁଡ଼ିକୁ କାଟିବା ପାଇଁ କୌଣସି ସରକାରୀ କିମ୍ବା ବନ ବିଭାଗୀୟ ଅନୁମତି ନିଆଯାଇଥିଲା କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ନୁହେଁ । ତେଣୁ ଏହାର ସତ୍ୟାସତ୍ୟ ନିରପେକ୍ଷ ଭାବେ ଯାଞ୍ଚ ହେବା ଆବଶ୍ୟକ ।

ସ୍ଥାନୀୟ ଭାବେ କିଛି ବନ ବିଭାଗୀୟ କର୍ମଚାରୀ/ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତି କିମ୍ବା କାଠ ବ୍ୟବସାୟ ସହିତ ଜଡ଼ିତ ବ୍ୟକ୍ତିଙ୍କର ଏହି ଘଟଣାରେ ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ/ଅଭିଯୋଗ ପ୍ରକାଶ ପାଉଛି । ତେବେ ଏହି ଅଭିଯୋଗ ସତ୍ୟ କି ନୁହେଁ, ତାହା ନିରପେକ୍ଷ ତଦନ୍ତ ମାଧ୍ୟମରେ ନିର୍ଦ୍ଧାରଣ ହେବା ଉଚିତ ।

ତେଣୁ ମୋର ନିମ୍ନଲିଖିତ ଅନୁରୋଧ—

୧. ଘଟଣାଟି ନିକଟରେ ଘଟିଥିବାରୁ ତୁରନ୍ତ ସ୍ଥଳ ତଦନ୍ତ କରାଯାଉ ଏବଂ ସମସ୍ତ ପ୍ରମାଣ ସୁରକ୍ଷିତ କରାଯାଉ ।

୨. ସ୍ଥାନୀୟ ସ୍ତରର ପ୍ରଭାବରୁ ତଦନ୍ତକୁ ମୁକ୍ତ ରଖିବା ପାଇଁ ଉଚ୍ଚସ୍ତରୀୟ ବନ ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ନିରପେକ୍ଷ ତଦନ୍ତ କରାଯାଉ ।

୩. ଗଛ କାଟିବା ପାଇଁ କୌଣସି ବୈଧ ଅନୁମତି, ଆଦେଶ କିମ୍ବା ଦଲିଲ ଥିଲା କି ନାହିଁ, ତାହା ଯା କରାଯାଉ ।

୪. ଗଛ କାଟିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉ ଏବଂ କଟାଯାଇଥିବା କାଠ କେଉଁଠାକୁ ନିଆଯାଇଛି, ତାହା ତଦନ୍ତ କରାଯାଉ ।

୫. ଯଦି ତଦନ୍ତରେ ବିନା ଅନୁମତିରେ କିମ୍ବା ଆଇନ/ସରକାରୀ ନିୟମ ଉଲ୍ଲଂଘନ କରି ଗଛ କାଟାଯାଇଥିବା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ ରଓଜ ରୁଜୁ କରି ଆବଶ୍ୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

୬. କୌଣସି ବନ ଅଧିକାରୀ/କର୍ମଚାରୀ, ପ୍ରଭାବଶାଳୀ ବ୍ୟକ୍ତି କିମ୍ବା କାଠ ବ୍ୟବସାୟୀଙ୍କ ସମ୍ପୃକ୍ତି ବିଷୟରେ ଯଦି କୌଣସି ଅଭିଯୋଗ ରହିଛି, ତାହାକୁ ମଧ୍ୟ ପ୍ରମାଣ ଓ ତଥ୍ୟ ଆଧାରରେ ନିରପେକ୍ଷ ଭାବେ ତଦନ୍ତ କରାଯାଉ ।

୭. ଯଦି କୌଣସି ଅଧିକାରୀଙ୍କର ଅବହେଳା, କର୍ତ୍ତବ୍ୟରେ ଅନିୟମିତତା କିମ୍ବା ଆଇନବିରୋଧୀ ସମ୍ପୃକ୍ତି ପ୍ରମାଣିତ ହୁଏ, ତେବେ ତାଙ୍କ ବିରୋଧରେ ମଧ୍ୟ ଆଇନସମ୍ମତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

୮. ତଦନ୍ତର ଫଳାଫଳ ଓ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଭିଯୋଗକାରୀ ଓ ସାଧାରଣ ଲୋକଙ୍କୁ ଅବଗତ କରାଯାଉ ।



ମୋର ଉଦ୍ଦେଶ୍ୟ କୌଣସି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିବା ନୁହେଁ । ମୋର ଉଦ୍ଦେଶ୍ୟ ହେଉଛି ଏହି ସଦ୍ୟ ଘଟିଥିବା ଗଛ କଟା ଘଟଣାର ସତ୍ୟାସତ୍ୟ ନିରପେକ୍ଷ ତଦନ୍ତ ମାଧ୍ୟମରେ ସାମ୍ନାକୁ ଆଣିବା ଏବଂ ଯଦି ଆଇନ ଉଲ୍ଲଂଘନ ହୋଇଥାଏ, ତେବେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଶ୍ଚିତ କରିବା ।

ଏହି ଘଟଣାଟି ମାତ୍ର ୩–୪ ଦିନ ମଧ୍ୟରେ ଘଟିଥିବାରୁ, ପ୍ରମାଣ ନଷ୍ଟ କିମ୍ବା କାଠ ଅନ୍ୟତ୍ର ସ୍ଥାନାନ୍ତର ହେବା ପୂର୍ବରୁ ତୁରନ୍ତ ତଦନ୍ତ ଓ ଆଇନସମ୍ମତ ପଦକ୍ଷେପ ନେବାକୁ ମାନନୀୟ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ମୋର ନମ୍ର ଅନୁରୋଧ ।

ଗଛ ବଞ୍ଚାନ୍ତୁ — ପରିବେଶ ବଞ୍ଚାନ୍ତୁ ।
କାଇମାଟିକୁ ସବୁଜ ରଖନ୍ତୁ ।
ଧନ୍ୟବାଦ ।
ରଞ୍ଜିତ ଦେହୁରୀ
ସାମାଜିକ କର୍ମୀ
କାଇମାଟି, ଢେଙ୍କାନାଳ, ଓଡ଼ିଶା

ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉଦଘାଟିତ ହେଲା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାମନାଗୁଡା



ରାମନାଗୁଡା ୧୫/୧୧:- ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦଘାଟନୀ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଅନୁଷ୍ଠିତ ହେଇଯାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ କରକମଳରେ ଆଭାସୀ (Virtual Mode) ମାଧ୍ୟମରେ ଏହି ବିଦ୍ୟାଳୟର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।ଏହି କାର୍ଯ୍ୟକ୍ରମରେବ୍ଲକ ଅଧ୍ୟକ୍ଷ, ପଞ୍ଚାୟତ ସମିତିରାମନାଗୁଡା ଶ୍ରୀ ରବିଶଙ୍କର ଗମାଙ୍ଗ, ଉପାଧ୍ୟକ୍ଷା ଜାନକୀ ନିମାଲା, ପଞ୍ଚାୟତ ସମିତି, ରାମନାଗୁଡା, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଓଇ ଗଣପତି ରାଓ, ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ,ବିଡ଼ିଓ ସୃଜନ ମଲ୍ଲିକ, ମଙ୍ଗଳ ସଞ୍ଚୁସାରଣ ଅଧିକାରୀ ଶ୍ରୀ ଜ୍ଞାନରଞ୍ଜନ ବଡ଼ଜେନା ଯୋଗାଣ ନିରୀକ୍ଷକ ଶଙ୍କର ବେହେରା,ବିପିସି ସନ୍ତୋଷ ରତ୍ନାଲୁ, ଜିଲ୍ଲା ପରିଷଦ ସଭ୍ୟ, ରାମନାଗୁଡା (କ) ତାଙ୍କୁଡୁ ଶ୍ରୀଧର ଓ ରାମନାଗୁଡା (L)ସୁରେଶ ଗମାଙ୍ଗ, ସମସ୍ତ ସରପଞ୍ଚ, ସମସ୍ତ ସମିତି ସଭ୍ୟ / ସଭ୍ୟା, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ । ଏଥିରେ ବନ୍ଧୁଗୁଡା ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ମିଶ୍ର ମ ପରିଚାଳନା କରିଥିଲେ ।ଏହି ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଆଦିବାସୀ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନେ ଉନ୍ନତମାନର ଆବାସିକ ଶିକ୍ଷା, ସୁରକ୍ଷା ଓ ସର୍ବାଙ୍ଗୀନ ବିକାଶର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି । ଅଞ୍ଚଳବାସୀଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ ଦେଖାଦେଇଛି ।ସୂଚନାଥାଉକି ଚଳିତବର୍ଷ ଶିକ୍ଷାବର୍ଷ ଆରମ୍ଭରୁ ୬୦ପିଲା ନାମଲେଖା କରିଥିବା ଶିକ୍ଷାଦାନ ଆରମ୍ଭ ହୋଇପାରିଲାନାହିଁ ଫଳରେ ନିକଟରେ ଥିବା ଜିଲ୍ଲା ଆବସିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଗଲା ପରିତାପର ବିଷୟ ଅଦ୍ୟାବଧି କୋଠା ହସ୍ତାନ୍ତର କରାଯିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କରାଗଲେ ଶିକ୍ଷାଦାନ ହୋଇପାରିବ ବୋଲି ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।
ଉକ୍ତ ଆବାସିକ ବିଦ୍ୟାଳୟ ଉଦଘାଟନ ସ୍ଥାନୀୟ ଅଞ୍ଚଳରେ ନୂତନ ଆଶାର ସଂଚାର ହୋଇଛି ।

ଭକ୍ତି, ଶ୍ରଦ୍ଧା ଓ ସେବାର ଅପୂର୍ବ ସମାଗମରେ ଉଦ୍‌ଯାପିତ ସାଇ ସତସଙ୍ଗ ସେବା ଟ୍ରଷ୍ଟର ବାର୍ଷିକ ଉତ୍ସବ

ଢେଙ୍କାନାଳ: ଶ୍ରଦ୍ଧା, ସବୁରୀ, ଭକ୍ତି ଓ ମାନବ ସେବାର ମହାନ ବାର୍ତ୍ତାକୁ ନେଇ ସାଇ ସତସଙ୍ଗଙ୍କ ସେବା ଟ୍ରଷ୍ଟ, ଢେଙ୍କାନାଳ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ବାର୍ଷିକ ଉତ୍ସବ ମହାଆଡ଼ମ୍ବର ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଉତ୍ସବର ପ୍ରଥମ ଦିବସରେ ସାଇ ବାବାଙ୍କ ଏକ ବିଶାଳ ଶୋଭାଯାତ୍ରା ସୌଦାମିନୀ ସ୍କୁଲ ପରିସରରୁ ବାହାରି ଶ୍ରୀରାମ ମଣ୍ଡପ ଅଭିମୁଖେ ଯାତ୍ରା କରିଥିଲା । ଶିରିଡ଼ିରୁ ଆସିଥିବା ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଆରତୀ ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ସୁସଜ୍ଜିତ ବିମାନରେ ସାଇ ବାବାଙ୍କ ମର୍ତ୍ତି ଓ ପବିତ୍ର ପାଦୁକା ଦର୍ଶନ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା । ଘଣ୍ଟ, ଶଙ୍ଖ ଓ ବାଜାର ଧ୍ୱନି ସାଙ୍ଗକୁ ଭକ୍ତଙ୍କ ସାଇ ଜୟଧ୍ୱନିରେ ସମଗ୍ର ସହର ଭକ୍ତିମୟ ହୋଇଉଠିଥିଲା । ଦ୍ୱିତୀୟ ଦିବସରେ ସାଇ ସତ୍ୟନାରାୟଣ ବ୍ରତ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା ।



ଏଥିରେ ୧୦୮ ଯୋଡ଼ା ଦମ୍ପତି ଏକାସାଙ୍ଗରେ ପୂଜାରେ ଅଂଶଗ୍ରହଣ କରିଥିଲେ । ଶିରିଡ଼ି ସାଇ ସଂସ୍ଥାନର ପୂଜକଙ୍କ ଦ୍ୱାରା ସମସ୍ତ ପୂଜାବିଧି ଶାସ୍ତ୍ରୀୟ ରୀତିନୀତି ଅନୁସାରେ ସମ୍ପାଦିତ ହୋଇଥିଲା । ଏହି ଅବସରରେ ସମଗ୍ର ପରିବେଶ ଭକ୍ତି ଓ ଆଧ୍ୟାତ୍ମିକ ଚେତନାରେ ଭରିଯାଇଥିଲା । ଉତ୍ସବର ତୃତୀୟ ତଥା ଶେଷ ଦିବସରେ ଏକଦିବସୀୟ ସାଇ ସତଚରିତ ସମୂହ ପାରାୟଣ ଅନୁଷ୍ଠିତ ହୋଇଥିଲା । ସକାଳ ୮ଟାରେ ଓଁକାର ଧ୍ୱନି ସହ ବିଷ୍ଣୁ ସହସ୍ରନାମ, ଗୁରୁ ଭାଗବତ ଓ ସାଇ ଅଷ୍ଟୋତ୍ତର ଶତନାମ ପାଠ ସହ ପତ୍ରାଭିଷେକ କରାଯାଇଥିଲା । ସକାଳ ୯ଟାରେ ବିଶ୍ୱର ମଙ୍ଗଳ, ଶାନ୍ତି ଓ କଲ୍ୟାଣ କାମନା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ସମସ୍ତ ସାଇ ଭକ୍ତ ସଂକଳ୍ପ ଗ୍ରହଣ କରି ସମୂହ ପାରାୟଣ ଆରମ୍ଭ କରିଥିଲେ । ଏହି ପାରାୟଣରେ ମୁଖ୍ୟ ପାଠକ ଭାବେ ଶିବ ପ୍ରସାଦ ପଣ୍ଡା ଓ ମୁଖ୍ୟ ପାଠିକା ଭାବେ ରାନୁ ତ୍ରିପାଠୀ ପାରାୟଣ ପଠନ କରିଥିଲେ । ଏଥିରେ କଟକ, ପୁରୀ, ଭୁବନେଶ୍ୱର, ଯାଜପୁର, ଭଦ୍ରକ, ଅନୁଗୁଳ ଓ ରାଉରକେଲା ସମେତ ବିଭିନ୍ନ ସ୍ଥାନରୁ ସାଇ ଭକ୍ତମାନେ ଯୋଗଦେଇଥିଲେ । ଦୀର୍ଘ ଦିନର ଏହି ଆଧ୍ୟାତ୍ମିକ ଆୟୋଜନ ସନ୍ଧ୍ୟା ୬ଟାରେ ପାରାୟଣ ସମାପ୍ତି ଓ ସନ୍ଧ୍ୟା ଆରତୀ ସହ ସମ୍ପନ୍ନ ହୋଇଥିଲା । ଏହାପରେ ସାଇ ପ୍ରବଚକ ଆଦିତ୍ୟ ପାଢ଼ୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉଦ୍ ?ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ସୁରେଶ ପଣ୍ଡା ଯୋଗଦେଇ ନିଜ ବକ୍ତବ୍ୟରେ ସାଇ ବାବାଙ୍କ ମହାନ ଆଦର୍ଶ, ଶ୍ରଦ୍ଧା ଓ ସବୁରୀର ମହାମନ୍ତ୍ର ସହ ମାନବସେବା ଓ ନିଃସ୍ୱାର୍ଥପର ତ୍ୟାଗର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ମାନବ ସେବା ହିଁ ମାଧବ ସେବା ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଶୋଭାକର ଫଡେସିଂ ଯୋଗ ଦେଇ ବାବାଙ୍କ ମହତ୍ତ୍ୱ ଆଲୋକପାତ କରିଥିଲେ । ଶେଷରେ ବିଭିର୍ଣ୍ଣ କ୍ଷେତ୍ରରେ ନିଃସ୍ୱାର୍ଥପର ମହତ ସେବା ପ୍ରଦାନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଭଜନ ସମାରୋହରେ ଭକ୍ତମାନେ ସାଇ ଭଜନରେ ମଜ୍ଜି ଯାଇଥିବା ବେଳେ ସମସ୍ତଙ୍କ ପାଇଁ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ତ୍ରିଦିବସୀୟ ଆଧ୍ୟାତ୍ମିକ ମହୋତ୍ସବକୁ ସଫଳ ଓ ସୁନ୍ଦର ଭାବେ ଆୟୋଜନ କରିବାରେ ସାଇ ସତସଙ୍ଗ ସେବା ଟ୍ରଷ୍ଟର ସମସ୍ତ ଭାଇ ଓ ଭଉଣୀଙ୍କ ସକ୍ରିୟ ସହଯୋଗ ରହିଥିଲା ।

ସୁନ୍ଦରଗଡ଼ରେ ସାଙ୍ଗଠନିକ ବ୍ରାହ୍ମଣ ସମ୍ମିଳନୀ, ଏକତା ଓ ସଂଗଠନ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ



ସୁନ୍ଦରଗଡ଼: ସୁନ୍ଦରଗଡ଼ ଜିଲ୍ଲା ସଦରଥାନାସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସାଙ୍ଗଠନିକ ବ୍ରାହ୍ମଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍, ସହର ଓ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟକ ବ୍ରାହ୍ମଣ ଯୋଗଦେଇଥିଲେ । ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଂଘ ସହ ଅନୁବନ୍ଧିତ ସୁନ୍ଦରଗଡ଼ ଜିଲ୍ଲା ବ୍ରାହ୍ମଣ ମହାସଂଘ ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା । ଜିଲ୍ଲାର ସମସ୍ତ ବ୍ରାହ୍ମଣଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ସଂଗଠନକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସମ୍ମିଳନୀରେ ସଂଗଠନ ପକ୍ଷରୁ ଜିଲ୍ଲାରେ ଏକ ସେବାଗୃହ ନିର୍ମାଣକୁ ପ୍ରାଧାନ୍ୟ ଦେବା ସହ ଏଥିପାଇଁ ଆବଶ୍ୟକ ଆର୍ଥିକ ସମ୍ବଳ ସଂଗ୍ରହ ଓ ସଂଗଠନର ଉନ୍ନତି ଦିଗରେ ସମସ୍ତେ ନିଜ ନିଜ ସ୍ତରରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଂଘର ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ଉପସଭାପତି ବାଣେଶ୍ୱର ଦାଶ, ରାଜ୍ୟ ସଦସ୍ୟ ପଣ୍ଡିତ ମଧୁସୂଦନ ମିଶ୍ର, ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଚିନ୍ମୟ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ବେଣୁମାଧବ ତ୍ରିପାଠୀ, ରାଉରକେଲାର ବରିଷ୍ଠ ବ୍ରାହ୍ମଣ ବଦ୍ରିନାରାୟଣ ପାଢ଼ୀ, ସୁନ୍ଦରଗଡ଼ର ବରିଷ୍ଠ ବ୍ରାହ୍ମଣ ଗୌରଚନ୍ଦ୍ର ଠାକୁର, ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ଓ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମଞ୍ଚାସୀନ ଅତିଥିମାନେ ନିଜ ନିଜ ଅଭିଭାଷଣରେ ବ୍ରାହ୍ମଣ ସମାଜର ଏକତା, ସାମାଜିକ ଦାୟିତ୍ୱ, ସେବା ମନୋଭାବ ଓ ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବୈଠକର ପରିଚାଳନା ଦାୟିତ୍ୱ ଶ୍ରୀ ଗୋବିନ୍ଦ ସୁଆର ତୁଲାଇଥିବା ବେଳେ ସମ୍ମିଳନୀଟି ସୁନ୍ଦର ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା ।

କୋଶଳ ସମାଜ
ସୋମବାର ୧୬ ନଭେମ୍ବର ୨୦୨୬



ଶିକ୍ଷାର ବ୍ୟବସାୟୀକରଣ : ମଣିଷ ଗଢ଼ିବାର ମନ୍ଦିର ଆଜି ଅର୍ଥ ଉପାର୍ଜନର କେନ୍ଦ୍ର ପାଲଟୁଛି କି ?



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ୱଳପୁର ସୁନ୍ଦରଗଡ଼

ଶିକ୍ଷା ହେଉଛି ମଣିଷ ଜୀବନର ସବୁଠାରୁ ବଡ଼ ସମ୍ପଦ। ଏହା କେବଳ ଚାକିରି ପାଇବାର ମାଧ୍ୟମ ନୁହେଁ, ବରଂ ଜଣେ ବ୍ୟକ୍ତିକୁ ସଚେତନ, ଦାୟିତ୍ୱବାନ, ବିବେକଶୀଳ ଓ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବାର ମୂଳ ଆଧାର। ଯେଉଁ ସମାଜରେ ଶିକ୍ଷାର ପ୍ରସାର ହୁଏ, ସେହି ସମାଜରେ ଜ୍ଞାନ, ବିଜ୍ଞାନ, ସଂସ୍କୃତି ଓ ମାନବିକତାର ବିକାଶ ହୁଏ। କିନ୍ତୁ ଆଜିର ସମୟରେ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି। ଶିକ୍ଷା କ'ଣ ଆଉ ଜ୍ଞାନ ଆହରଣର ମାଧ୍ୟମ ହୋଇ ରହିଛି, ନା ଏହା ଧୀରେ ଧୀରେ ଏକ ବ୍ୟବସାୟରେ ପରିଣତ ହେଉଛି ?

ବର୍ତ୍ତମାନ ସମୟରେ ଘରୋଇ ଶିକ୍ଷାନୁଷ୍ଠାନ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ, କୋଚିଂ ସେଣ୍ଟର ଓ ବିଭିନ୍ନ ପ୍ରଶିକ୍ଷଣ କେନ୍ଦ୍ରର ସଂଖ୍ୟା ବଢ଼ିଛି। ଶିକ୍ଷା କ୍ଷେତ୍ରରେ ଏହା ନୂଆ ସୁଯୋଗ ସୃଷ୍ଟି କରିଥିବା ବେଳେ ଅନ୍ୟପଟେ ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ ମଧ୍ୟ ବଢ଼ାଇଛି। ଆଡମିଶନ୍ ଫିସ୍, ମାସିକ ଫିସ୍, ପୁସ୍ତକ, ୟୁନିଫର୍ମ, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ଯୋଗୁଁ ଅନେକ ପରିବାରର ବଜେଟ୍ ବିଗିଡ଼ି ଯାଉଛି। ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାର ପାଇଁ ପିଲାଙ୍କୁ ଭଲ ଶିକ୍ଷା ଦେବା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି।

ଅନ୍ୟପଟେ ସରକାରୀ ବିଦ୍ୟାଳୟଗୁଡ଼ିକର ସ୍ଥିତି ମଧ୍ୟ ଗଭୀର ଚିନ୍ତାର ବିଷୟ। କେତେକ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଭିତିଭୂମିର ଅଭାବ, ଶ୍ରେଣୀଗୃହର ସମସ୍ୟା ଓ ଆଧୁନିକ ଶିକ୍ଷା ସାମଗ୍ରୀର ଅଭାବ ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳର ଅନେକ ଛାତ୍ରଛାତ୍ରୀ ଆଜି ମଧ୍ୟ ଉନ୍ନତ ଶିକ୍ଷା ସୁବିଧାରୁ ବଞ୍ଚିତ। ସହରର ଛାତ୍ରଛାତ୍ରୀ ଯେଉଁ ସୁଯୋଗ ପାଉଛନ୍ତି, ଗ୍ରାମର ପିଲାମାନେ ସେହି ସୁଯୋଗ ପାଇପାରୁ ନାହାନ୍ତି। ଏହି ଅସମାନତା ଦୂର କରିବା ଶିକ୍ଷା ବ୍ୟବସ୍ଥା ସମ୍ମୁଖରେ ଏକ ବଡ଼ ଦାୟିତ୍ୱ।

ଶିକ୍ଷାର ଅର୍ଥ କେବଳ ପରୀକ୍ଷାରେ ଅଧିକ ନମ୍ବର ରଖିବା ନୁହେଁ। ଜଣେ ଛାତ୍ର ଯଦି ଭଲ ନମ୍ବର ରଖି ମଧ୍ୟ ସମାଜ ପ୍ରତି ନିଜର ଦାୟିତ୍ୱ ବୁଝିପାରୁନାହିଁ, ଅନ୍ୟକୁ ସମ୍ମାନ ଦେଇପାରୁନାହିଁ ଏବଂ ସତ୍ୟ ଓ ନ୍ୟାୟର ମୂଲ୍ୟ ବୁଝିପାରୁନାହିଁ, ତେବେ ସେହି ଶିକ୍ଷାର ଉଦ୍ଦେଶ୍ୟ ଅଧୁରା ରହିଯାଏ। ବିଦ୍ୟାଳୟରେ ପାଠପଢ଼ା ସହିତ ନୈତିକ ଶିକ୍ଷା, ଶୃଙ୍ଖଳା, ସମାଜସେବା, ପରିବେଶ ସଚେତନତା ଓ ମାନବିକ ମୂଲ୍ୟବୋଧକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର।

ଶିକ୍ଷକ ହେଉଛନ୍ତି ସମାଜ ଗଠନର ମୁଖ୍ୟ କାରିଗର। ତାଙ୍କ ହାତରେ ଦେଶର ଭବିଷ୍ୟତ ନିର୍ମାଣ ହୁଏ। ତେଣୁ ଶିକ୍ଷକଙ୍କୁ କେବଳ ପାଠ୍ୟପୁସ୍ତକର ସୀମା ମଧ୍ୟରେ ରଖି ନଦେଇ ଛାତ୍ରଛାତ୍ରୀଙ୍କ ଚିନ୍ତାଧାରା, ସୃଜନଶୀଳତା ଓ ପ୍ରତିଭାର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ଆବଶ୍ୟକ। ଅଭିଭାବକମାନେ ମଧ୍ୟ ପିଲାଙ୍କ ଉପରେ ଅତ୍ୟଧିକ ନମ୍ବର ଓ ପ୍ରତିଯୋଗିତାର ଚାପ ନଦେଇ ସେମାନଙ୍କ ଆଗ୍ରହ ଓ ଦକ୍ଷତାକୁ ଚିହ୍ନିବା ଉଚିତ।

ସରକାରଙ୍କ ଦାୟିତ୍ୱ ହେଉଛି ଶିକ୍ଷାକୁ ସମସ୍ତଙ୍କ ପାଇଁ ସୁଲଭ, ଗୁଣାତ୍ମକ ଓ ସମାନ ସୁଯୋଗଭିତ୍ତିକ କରିବା। ସରକାରୀ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ଆଧୁନିକ ପ୍ରୟୋଗଶାଳା, ପାଠାଗାର, କମ୍ପ୍ୟୁଟର ଶିକ୍ଷା ଓ ଉତ୍ତମ ଶ୍ରେଣୀଗୃହର ବ୍ୟବସ୍ଥା ହେବା ଦରକାର। ଘରୋଇ ଶିକ୍ଷାନୁଷ୍ଠାନର ଫିସ୍ ଓ ଅନ୍ୟାନ୍ୟ ଆଦାୟ ଉପରେ ମଧ୍ୟ ସ୍ୱଚ୍ଛ ନିୟନ୍ତ୍ରଣ ରହିବା ଆବଶ୍ୟକ। ପରିଶେଷରେ କହିବାକୁ ଗଲେ, ଶିକ୍ଷା କୌଣସି ବିକ୍ରୟଯୋଗ୍ୟ ସାମଗ୍ରୀ ନୁହେଁ, ଏହା ମଣିଷ ଜୀବନର ଆଲୋକ। ଏହି ଆଲୋକ ଧନୀଙ୍କ ଘରେ ସୀମିତ ନରହି ଗରିବଙ୍କ କୁଡ଼ିଆ ପର୍ଯ୍ୟନ୍ତ ପହଞ୍ଚିବା ଦରକାର। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ମଜବୁତ, ସେହି ଦେଶର ଭବିଷ୍ୟତ ଉଜ୍ଜ୍ୱଳ। ତେଣୁ ଶିକ୍ଷାକୁ ବ୍ୟବସାୟର ସୀମାରୁ ବାହାର କରି ଜ୍ଞାନ, ସଂସ୍କାର ଓ ମାନବିକତାର ମନ୍ଦିର ଭାବେ ଗଢ଼ି ତୋଳିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା।

ଗଣ୍ଡାବଜା ଆମ ପ୍ରଥା ପରଂପରା ଓ ସଂସ୍କୃତିର ଏକ ଅଂଗ, ଏହାର ସୁରକ୍ଷା ହେଲେ ହିଁ ଆମ ସଂସ୍କୃତି ସୁରକ୍ଷିତ ରହିବ –ନରସିଂହ

ବଲାଙ୍ଗିର,୧୫/୧୧: ଆବହମାନ କାଳରୁ ଗଣ୍ଡାବଜା ଆମର ସାମାଜିକ, ସଂସ୍କୃତିକ କାର୍ଯ୍ୟକ୍ରମ ମାନଙ୍କରେ ଏକ ଅଂଗ ହୋଇ ରହିଛି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକେ ଗଣ୍ଡାବଜା ଖୋଜିଥାନ୍ତି । ଏହା କେବଳ ଏକ ବାଦ୍ୟ ନୁହେଁ ଏହି ବାଦ୍ୟ ଦ୍ୱାରା ଆମର ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏହାର ପରିବେଶକୁ ପବିତ୍ର କରାଯାଇଥାଏ । ଏହି ବାଦ୍ୟ ଆମ ଭିତରେ ଥିବା ଅସ୍ପୃଶ୍ୟତା, ଜାତିଭେଦ, କୁସଂସ୍କାର କୁ ଭୁଲିଯିବାକୁ ବାଧ କରିଥାଏ । ତେଣୁ ଗଣ୍ଡାବଜା ହେଉଛି ଆମ ପ୍ରଥା, ପରଂପରା ଓ ସଂସ୍କୃତିର ଏକ ଅଭିଚ୍ଛେଦ୍ୟ ଅଙ୍ଗ ବୋଲି ଗଣ୍ଡାବଜା ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଗଣ୍ଡାବଜା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଗଣ୍ଡାବଜା ମହୋତ୍ସବ କମିଟିର ଆବାହକ ଡ. ଅର୍ଜୁନ ମୁଗ୍ରୀ ଏବଂ ସଂସ୍କୃତି ଗବେଷଣ ତରଣିସେନ ଦୀପଙ୍କ ସଭାପତିତ୍ୱରେ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ 'ଗଣ୍ଡାବଜା ମହୋତ୍ସବ ୨୦୨୬' ଅବସରରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଅସ୍ପୃଶ୍ୟତା ହେଉଛି ସମାଜରେ ଏକ କଳଙ୍କ । ନିଜ ଜିବନରେ ସେ କେବେ ବି ଅସ୍ପୃଶ୍ୟତା, ଜାତିପ୍ରଥା ଦ୍ୱାରା ପ୍ରଭାବିତ ହୋଇନଥିବା ଶ୍ରୀ ମିଶ୍ର କହିଥିଲେ । ଛୁଆଁ ଅଛୁଆ ଭେଦଭାବ ସମାଜର ବିକାଶ ପଥରେ ବାଧା ସୃଷ୍ଟି କରିଥାଏ । ତେଣୁ ଗଣ୍ଡାବଜାକୁ ଆଦରି ନେଇଥିବା ସମାଜ କେବେବି ନିଜକୁ ଅନ୍ୟ ଜାତି ସମ୍ମୁଖରେ ଗୌଣ ଭାବନ୍ତୁ ନାହିଁ । ଏହା ହେଲେ ହିଁ ଗଣ୍ଡାବଜାକୁ ଆଦରି ଥିବା ସମାଜ ଓ ଗଣ୍ଡାବଜାର ଆହୁରି ଆଦୃତ ଓ ବିକାଶ କରିବ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଂଜନ ମିଶ୍ର ଯୋଗ ଦେଇଥିଲେ । ପୂର୍ବାହ୍ନରେ ସାମାଜିକ ନେତା ସତ୍ୟାନନ୍ଦ ସୁନା, ଓମ୍ ପ୍ରକାଶ କୁମ୍ଭାର, ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଲ ଓ କଣ୍ଠଶିଳ୍ପୀ ନବୀନ କୁଅଁରଙ୍କ ଦ୍ୱାରା ମଂଚ ଉଦ୍ଘାଟନ ହୋଇଥିଲା ।

ଜିଲ୍ଲାସ୍ତରୀୟ 'ଜନଜାତୀୟ ଗୌରବ ଦିବସ-୨୦୨୬' ମହାସମାରୋହରେ ପାଳିତ

ଝାରସୁଗୁଡ଼ା, ୧୫/୧୧: ମହାନ ଜନଜାତୀୟ ସ୍ୱାଧୀନତା ସଂଗ୍ରାମୀ ତଥା ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମ ଜୟନ୍ତୀ ଅବସରରେ ଆଜି କିର୍ମିରା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ 'ଜନଜାତୀୟ ଗୌରବ ଦିବସ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିର୍ମିତ 'ଆଦିବାସୀ ସଂସ୍କୃତି ଭବନ, କିର୍ମିରା'ର ଶୁଭ ଉଦ୍ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଝାରସୁଗୁଡ଼ାର ଅଧ୍ୟକ୍ଷ ସାମଲ ନାଏକ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ସଂଯୁକ୍ତା ଓରାମ ପ୍ରମୁଖ ମଂଚାସୀନ ଥିଲେ। ଏହା ସହିତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଝାରସୁଗୁଡ଼ାର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ରହିଥିଲେ। ଜିଲ୍ଲା ମଙ୍ଗଳ ବିଭାଗ ଝାରସୁଗୁଡ଼ା ଆନୁକୂଲ୍ୟରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଂଚଳର ବହୁ ଜନଜାତି ଭାଇଭଉଣୀ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏଥିସହ ଏଠାରେ ଉଲ୍ଲେଖଯୋଗ୍ୟ ଯେ କିର୍ମିରା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ଓ କମ୍ପ୍ୟୁଟର ବିଜ୍ଞାନ ପରୀକ୍ଷାଗାରର ଶୁଭ ଉଦ୍ଘାଟନ ମଧ୍ୟ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ଏବଂ ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତଙ୍କ ଗରିମାମୟ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଏହି ଅତ୍ୟାଧୁନିକ ପରୀକ୍ଷାଗାର ଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ଗବେଷଣାମୂଳକ ଚିନ୍ତାଧାରା ଓ ବ୍ୟବହାରିକ ଜ୍ଞାନର ବିକାଶରେ ସହାୟକ ହେବା ସହ ଗୁଣାତ୍ମକ ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି କରିବ। ଜନଜାତି ଅଂଚଳର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ଓ ବିଜ୍ଞାନଭିତିକ ଜ୍ଞାନ ସହ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ କହିଥିଲେ ଯେ, "ଧର୍ମୀ ଆବା ଭଗବାନ ବିର୍ସା ମୁଣ୍ଡା କେବଳ ଜନଜାତି ସମାଜ ନୁହଁନ୍ତି, ବରଂ ସମଗ୍ର ଦେଶବାସୀଙ୍କ ପାଇଁ ସ୍ୱାଭିମାନ ଓ ଦେଶପ୍ରେମର ପ୍ରତୀକ । ଜନଜାତି ସମାଜର ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସଶକ୍ତୀକରଣ ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ଏବଂ ଏହି ନୂତନ ଆଦିବାସୀ ସଂସ୍କୃତି ଭବନ ଅଂଚଳର କଳା ଓ ପରମ୍ପରାକୁ ବଂଚାଇ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।" ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତ ନିଜ ବକ୍ତବ୍ୟରେ କହିଥିଲେ ଯେ, "ଭଗବାନ ବିର୍ସା ମୁଣ୍ଡାଙ୍କ ଅଦମ୍ୟ ସାହସ ଓ ବଳିଦାନ ଆମ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଜନଜାତି ସମାଜର ଗୌରବମୟ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ସହ ସେମାନଙ୍କୁ ବିକାଶର ମୁଖ୍ୟସ୍ରୋତରେ ଯୋଡ଼ିବା ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ସଫଳତାର ସହ ପହଂଚିପାରୁଛି ।" ସେହିପରି ଝାରସୁଗୁଡ଼ାର ବିଧାୟକ ଟଙ୍କଧର ତ୍ରିପାଠୀ ଉଦ୍‌ବୋଧନ ଦେଇ କହିଥିଲେ ଯେ, "ଭଗବାନ ବିର୍ସା ମୁଣ୍ଡାଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ଆମ ସମସ୍ତଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ।

୪୪ ଜଣଙ୍କୁ ଚୂଡ଼ାନ୍ତ ନୋଟିସ୍, ୨୧ ସୁଦ୍ଧା ଜାଗା ଖାଲି କରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୫/୧୧: ଝାରସୁଗୁଡ଼ା ସହରରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ବଡ଼ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ। ବିଟିଏମ୍ ଛକ ନିକଟସ୍ଥ ବନଖଣ୍ଡ କାର୍ଯ୍ୟାଳୟଠାରୁ ବିଟିଏମ୍ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଦୀର୍ଘବର୍ଷ ଧରି ଜବରଦଖଲରେ ଥିବା ସରକାରୀ ଜମିକୁ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ହୋଇଛି। ଏଥିପାଇଁ ୪୪ ଜଣ ଜବରଦଖଲକାରୀଙ୍କୁ ଚୂଡ଼ାନ୍ତ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୧ଟାରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ।

ଝାରସୁଗୁଡ଼ା ପୌର ପରିଷଦର ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ବିଟିଏମ୍ ଛକ ନିକଟରେ ବନଖଣ୍ଡ କାର୍ଯ୍ୟାଳୟକୁ ଲାଗି ରହିଥିବା ଜମିକୁ ଚିହ୍ନଟ କରାଯାଇଛି। ଗତ ସେପ୍ଟେମ୍ବର ୫ ତାରିଖରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ତେବେ ଉକ୍ତ ଅଂଚଳରେ ଦୀର୍ଘ ଦଶନ୍ଧି ଧରି ବହୁ ଉଠାଦୋକାନୀ ଓ ବ୍ୟବସାୟୀ ସରକାରୀ ଜମି ଜବରଦଖଲ କରି ଦୋକାନ ଖୋଲିଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭରେ ବାଧା ସୃଷ୍ଟି ହୋଇଥିଲା।

ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ତହସିଲ ପକ୍ଷରୁ ନୋଟିସ୍ ଜାରି ହୋଇଥିଲେ ମଧ୍ୟ ତିନିଜଣ ବ୍ୟକ୍ତି ଏହାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ରହିତାଦେଶ ଆଣିଥିଲେ।

୨୭ରୁ ଆରମ୍ଭ ହେବ ବ୍ରଜରାଜନଗର ମହୋତ୍ସବ

ତିନିଦିନ ଧରି ଜମିବ ଲୋକକଳା ଓ ସଂସ୍କୃତିର ଆସର, ୨୯ରେ କବି ସମ୍ମିଳନୀ

ଝାରସୁଗୁଡା , ୧୫ ନଭେମ୍ବର (ହି.ସ.) ଆସନ୍ତା ନଭେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ ହେବ ବ୍ରଜରାଜନଗର ମହୋତ୍ସବ। ସ୍ଥାନୀୟ ଓରିଏଂଟ ପେପର୍ ମିଲ୍ (ଓପିଏମ୍) ଖେଳ ପଡ଼ିଆରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ମଣ୍ଡଳିଆସ୍ଥିତ କାଳୀ ମନ୍ଦିର ପରିସରରେ ମହୋତ୍ସବ କମିଟି ପକ୍ଷରୁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷ ଡ. ବିଜୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମହୋତ୍ସବର ଆୟୋଜନ, କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଚଳିତ ବର୍ଷ ଓପିଏମ୍ ଖେଳ ପଡ଼ିଆରେ ମୁଖ୍ୟ ମହୋତ୍ସବ ଆୟୋଜିତ ହେବା ସହ ପଡ଼ିଆର ପଶ୍ଚିମ ଓ ଉତ୍ତର ପାର୍ଶ୍ୱରେ ପଲ୍ଲିଶ୍ରୀ ମେଳା ଓ ବିଭିନ୍ନ ସାମଗ୍ରୀର ଷ୍ଟଲ୍ ଖୋଲାଯିବ।



ଏଥିସହ ଓପିଏମ୍ ପାଲା ପଡ଼ିଆରେ ପାର୍କିଂ ବ୍ୟବସ୍ଥା କରିବାକୁ ମହୋତ୍ସବ କମିଟିର ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି। ମହୋତ୍ସବର ମୁଖ୍ୟ ଆକର୍ଷଣ ଭାବେ ଓଡ଼ିଶାର ବିଭିନ୍ନ ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଂଚଳ ସମେତ ରାଜ୍ୟ ବାହାରର କଳାକାରମାନେ ମଧ୍ୟ ଯୋଗଦେଇ କଳା ପ୍ରଦର୍ଶନ କରିବେ। ଏଥିପାଇଁ ମନ୍ତ୍ରୀ ସୁରେଶ ପୂଜାରୀ ବିଶେଷ ଗୁରୁତ୍ୱ ଦେଇଥିବା କମିଟି ଅଧ୍ୟକ୍ଷ ଡ. ପଟ୍ଟନାୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଅନୁଯାୟୀ, ନଭେମ୍ବର ୨୭ ତାରିଖ ପୂର୍ବାହ୍ନ ୧୦ଟାରେ ମା' ରାମଚଣ୍ଡୀ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ମହୋତ୍ସବ ପଡ଼ିଆରେ ପହଂଚିବ। ୨୮ ତାରିଖରେ ରଙ୍ଗୋଲି ପ୍ରତିଯୋଗିତା ଏବଂ ୨୯ ତାରିଖରେ କବି ସମ୍ମିଳନୀ ଆୟୋଜନ କରାଯିବ। ଏହାବ୍ୟତୀତ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ମହୋତ୍ସବ ମଂଚରେ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି। ଚଳିତ ବର୍ଷ ମହୋତ୍ସବ କମିଟିର ମୁଖ୍ୟ ପରାମର୍ଶଦାତା ଭାବେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ରହିଥିବା ବେଳେ ସ୍ୱାଗତ କମିଟିରେ ନଗରପାଳ ଗୋପାଳ ସୀତାନି ରହିଛନ୍ତି। ମହୋତ୍ସବକୁ ସଫଳ କରିବା ପାଇଁ ବିଭିନ୍ନ ସାମାଜିକ ସଂଗଠନ ଓ ଅନୁଷ୍ଠାନଗୁଡ଼ିକର ସହଯୋଗ ଲୋଡ଼ାଯାଇଛି। ସାମ୍ବାଦିକ ସମ୍ମିଳନୀରେ କମିଟିର ସାଧାରଣ ସମ୍ପାଦକ ଅମରେନ୍ଦ୍ର ରାୟ, ମୁଖ୍ୟ ସଂଯୋଜକ ଉପନ ସାହୁ, ଉପସଭାପତି ଆଲୋକ ପଣ୍ଡା ଓ ନିର୍ମଳ ସିଂହ ଚାଓ୍ୱଲାଙ୍କ ସମେତ ସାଂସ୍କୃତିକ କମିଟି ସଂଯୋଜକ ସୁଶୀଲ ପୁରୋହିତ, କୋଷାଧ୍ୟକ୍ଷ ବିନୟ କୁମାର ଜୟସ୍ୱାଲ, ସମ୍ପାଦକ କବି ସ୍ୱାଇଁ, ତପନ ସ୍ୱାଇଁ, ଗଣମାଧ୍ୟମ ସଂଯୋଜକ ତ୍ରିଲୋଚନ ଦାଶଙ୍କ ସମେତ କମିଟିର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

କୋଲାବିରା ବ୍ଲକ ଆୟୋଜନ ସମିତି ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ ଗୌରବ ଦିବସ

ଝାରସୁଗୁଡା : କୋଲାବିରା ବ୍ଲକ ଆୟୋଜନ ସମିତି ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ ଗୌରବ ଦିବସ ଜନ୍ମ ଜୟନ୍ତ

କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

କାନାଡା ଯିବାକୁ ଚାହୁଁଥିବା ଭାରତୀୟଙ୍କୁ ଝଟକା ! ଷ୍ଟଡି ପରମିଟ୍ ପାଇଁ ୮ ସପ୍ତାହ, ୱାର୍କ ପରମିଟକୁ ଲାଗିବ ୧୦ ସପ୍ତାହ



ନୂଆ ଦିଲ୍ଲୀ, ୧୫/୧୧: କାନାଡାରେ ପାଠପଢ଼ିବା କିମ୍ବା ଚାକିରି କରିବାର ସ୍ୱପ୍ନ ଦେଖୁଥିବା ଭାରତୀୟଙ୍କ ପାଇଁ ଆସିଛି ଏକ ନୂଆ ଅପଡେଟ୍। କାନାଡାର ଇମିଗ୍ରେସନ୍ ବିଭାଗ (ଓଜଉଉ) ପକ୍ଷରୁ ନଭେମ୍ବର ୧୩ରେ ଜାରି ହୋଇଛି ନୂଆ ପରମିଟ୍ ପ୍ରୋସେସିଂ ଟାଇମ୍। ଏହି ଅପଡେଟ୍ ଅନୁସାରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଷ୍ଟଡି ପରମିଟ୍ ପାଇଁ ୮ ସପ୍ତାହ ଏବଂ ୱାର୍କ ପରମିଟ୍ ପାଇଁ ୧୦ ସପ୍ତାହ ଅପେକ୍ଷା କରିବାକୁ ପଡ଼ିପାରେ। ତେବେ ପାକିସ୍ତାନୀ ଛାତ୍ରଛାତ୍ରୀଙ୍କ ଷ୍ଟଡି ପରମିଟ୍ ପ୍ରୋସେସିଂ ସମୟ କମି ୪ ସପ୍ତାହ ହୋଇଛି। ଫଳରେ ଭାରତୀୟ ଆବେଦନକାରୀଙ୍କ ଅପେକ୍ଷା ସମୟକୁ ନେଇ ଚର୍ଚ୍ଚା ବଢ଼ିଛି। ଆଇଆରସିସିର ନୂଆ ତଥ୍ୟ ଅନୁସାରେ ଭାରତରୁ ଆବେଦନ କରୁଥିବା ଛାତ୍ରଛାତ୍ରୀଙ୍କ ଷ୍ଟଡି ପରମିଟ୍ ପ୍ରୋସେସିଂ ସମୟ ୮ ସପ୍ତାହ ରହିଛି। ନଭେମ୍ବର ୪ରେ ଜାରି ହୋଇଥିବା ପୂର୍ବ ଅପଡେଟରେ ମଧ୍ୟ ଏହି ସମୟ ୮ ସପ୍ତାହ ଥିଲା। ଅର୍ଥାତ୍ ଭାରତୀୟ ଛାତ୍ରଙ୍କ ପାଇଁ ଏଥର କୌଣସି ଆଶ୍ୱସ୍ତି ମିଳିନାହିଁ। କାନାଡାରେ ଆଡମିସନ୍ ନେବାକୁ ଯୋଜନା କରୁଥିବା ଛାତ୍ରମାନଙ୍କୁ ଭିସା ପ୍ରକ୍ରିୟା ପାଇଁ ଆଗୁଆ ପ୍ରସ୍ତୁତି କରିବାକୁ ପଡ଼ିବ। କାନାଡାରେ ଚାକିରି କରିବାକୁ ଆଗ୍ରହୀ ଭାରତୀୟ ପେସାଦାରଙ୍କ ପାଇଁ ମଧ୍ୟ ପ୍ରୋସେସିଂ ସମୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭାରତରୁ ଆବେଦନ କରୁଥିବା ୱାର୍କ ପରମିଟ୍ ଆବେଦନକାରୀଙ୍କୁ ୧୦ ସପ୍ତାହ ଅପେକ୍ଷା କରିବାକୁ ପଡ଼ିପାରେ। ପୂର୍ବ ଅପଡେଟ୍ରେ ମଧ୍ୟ ଏହି ସମୟ ସମାନ ଥିଲା। ସେହିପରି କାନାଡାରେ ପୂର୍ବରୁ ରହୁଥିବା ଭାରତୀୟମାନେ ନିଜର ୱାର୍କ ପରମିଟ୍ ବଢ଼ାଇବା କିମ୍ବା ନୂଆ ପରମିଟ୍ ପାଇଁ ଆବେଦନ କଲେ ପ୍ରାୟ ୧୬ ସପ୍ତାହ ଅପେକ୍ଷା କରିବାକୁ ପଡ଼ିପାରେ। କେବଳ ଷ୍ଟଡି ଓ ୱାର୍କ ପରମିଟ୍ ନୁହେଁ, ଭିଜିଟର ଭିସା ପାଇଁ ମଧ୍ୟ ଭାରତୀୟଙ୍କୁ ଅଧିକ ଅପେକ୍ଷା କରିବାକୁ ପଡ଼ିପାରେ। ନୂଆ ଅପଡେଟ୍ ଅନୁସାରେ ଭାରତରୁ କାନାଡା ଭିଜିଟର ଭିସା ପାଇଁ ଆବେଦନ କଲେ ପ୍ରାୟ ୩୪ ଦିନ ସମୟ ଲାଗିପାରେ। ପୂର୍ବରୁ ଏହା ୩୨ ଦିନ ଥିଲା। ସେହିପରି ଭାରତୀୟଙ୍କ ସୁପର ଭିସା ପ୍ରୋସେସିଂ ସମୟ ୮୫ ଦିନରୁ ବଢ଼ି ୮୭ ଦିନ ହୋଇଛି। ଏହି ଭିସା ମାଧ୍ୟମରେ ଯୋଗ୍ୟ ମାତାପିତା ଓ ଜେଜେବାପା-ଜେଜେମାଆ କାନାଡାରେ ନିଜ ପରିବାର ସହ ଦୀର୍ଘ ସମୟ ରହିପାରନ୍ତି।

ଲୋକଆସ୍ଥା ଓ ସାମାଜିକ ସଦ୍ଭାବର ମହାପର୍ବ ଛଠ୍ ପୂଜା ଅବସରରେ ଆଜି ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଦେବଙ୍କୁ କରିବେ ଅର୍ଘ୍ୟ ଅର୍ପଣ



ପାଟନା : ଲୋକଆସ୍ଥା, ଅତୁଟ ବିଶ୍ୱାସ ଓ ସାମାଜିକ ସଦ୍ଭାବର ଅନନ୍ୟ ପ୍ରତୀକ ମହାପର୍ବ ଛଠ୍ ଅବସରରେ ରବିବାର ଶ୍ରଦ୍ଧାଳୁମାନେ ଅସ୍ତଗାମୀ ସୂର୍ଯ୍ୟଦେବଙ୍କୁ ପ୍ରଥମ ଅର୍ଘ୍ୟ ଅର୍ପଣ କରିବେ। ଚାରିଦିନିଆ ଏହି କଠିନ ବ୍ରତର ତୃତୀୟ ଦିନରେ ନଦୀ, ପୋଖରୀ ଓ ବିଭିନ୍ନ ଜଳାଶୟ କୂଳରେ ନିର୍ମିତ ଛଠ୍ ଘାଟଗୁଡ଼ିକରେ ଆସ୍ଥାର ଅଭୂତ ଦୃଶ୍ୟ ଦେଖିବାକୁ ମିଳିବ। ମୁଣ୍ଡରେ ଡାଲା, ହାତରେ ପୂଜା ସାମଗ୍ରୀ ଏବଂ ମନରେ ସୂର୍ଯ୍ୟଦେବଙ୍କ ପ୍ରତି ଅତୁଟ ଶ୍ରଦ୍ଧା ନେଇ ବ୍ରତଧାରୀମାନେ ଅସ୍ତମିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ପାଇଁ ଘାଟ ଅଭିମୁଖେ ଯାତ୍ରା କରିବେ। ଛଠ୍ ଗୀତ, ଲୋକପରମ୍ପରା ଓ ଭକ୍ତିମୟ ସ୍ୱରରେ ସମଗ୍ର ପରିବେଶ ମୁଖରିତ ହୋଇଉଠିବ। ଛଠ୍ ମହାପର୍ବ କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ ଏହା ଭାରତୀୟ ଲୋକସଂସ୍କୃତିର ଏକ ଜୀବନ୍ତ ଅଭିବ୍ୟକ୍ତି। ଏହି ପର୍ବରେ ପ୍ରକୃତି ପ୍ରତି କୃତଜ୍ଞତା, ପରିବାରର ମଙ୍ଗଳ କାମନା, ସାମାଜିକ ଏକତା ଓ ସାମୂହିକ ସହଭାଗିତାର ଅଭୂତ ସମନ୍ୱୟ ଦେଖିବାକୁ ମିଳେ। ଏହି କାରଣରୁ ଏହି ପର୍ବର ମହତ୍ତ୍ୱ କୌଣସି ଗୋଟିଏ ଅଂଚଳ, ଜାତି କିମ୍ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ। ବିହାର ମାଟିରୁ ଆରମ୍ଭ ହୋଇଥିବା ଛଠ୍ ପର୍ବର ଆସ୍ଥା ଆଜି ଦେଶର ବିଭିନ୍ନ ଅଂଚଳ ସହ ବିଦେଶରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

କରାଚୀ ବନ୍ଦରରେ ୬ ଭାରତୀୟଙ୍କ ସହ କ'ଣ ସମସ୍ୟା ?



ନୂଆଦିଲ୍ଲୀ,୧୫/୧୧; ଗତ ୭ ମାସ ଧରି ପାକିସ୍ତାନର କରାଚୀ ବନ୍ଦରରେ ୬ ଜଣ ଭାରତୀୟ ନାବିକ ଫସି ରହିଛନ୍ତି । ଏମାନଙ୍କ ମଧ୍ୟରେ ଭାରତୀୟ ମର୍ଚ୍ଚାନେଭିର ଜଣେ ମୁଖ୍ୟ ଅଧିକାରୀ ମଧ୍ୟ ଅଛନ୍ତି । ପରିବାରବର୍ଗଙ୍କ ବାରମ୍ବାର ନିବେଦନ ଏବଂ ନାବିକମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବାରେ ବିଳମ୍ବ ମଧ୍ୟରେ ଭାରତ ସରକାର ବର୍ତ୍ତମାନ ପାକିସ୍ତାନରୁ କୂଟନୈତିକ ସହାୟତା ଲୋଡିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏହା ନିଶ୍ଚିତ ହୋଇଛି । ୬ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବାକୁ ଭାରତ ସରକାର ପାକିସ୍ତାନର ସହଯୋଗ ଲୋଡିଛନ୍ତି। ବିଦେଶ ମନ୍ତ୍ରଣାଳୟ କହିଛି ଯେ, ଏହି ମାମଲାରେ ମୁଖ୍ୟତଃ ଜାହାଜ ଚଳାଚଳ କମ୍ପାନୀ ଏବଂ ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଏକ ବାଣିଜ୍ୟିକ ବିବାଦ । ତେବେ ଅଟକିଥିବା ନାବିକମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ସରକାର ସମସ୍ତ ପକ୍ଷଙ୍କ ସହ ଯୋଗାଯୋଗ ରଖିଛନ୍ତି । ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଭାରତ ସରକାର ଅଟକିଥିବା ନାବିକମାନଙ୍କ ସହିତ ସେମାନଙ୍କ ନିଯୁକ୍ତିଦାତା ଓ ଜାହାଜ କମ୍ପାନିର ଏଜେଣ୍ଟଙ୍କ ସହ ଯୋଗାଯୋଗରେ ଅଛନ୍ତି । ପାକିସ୍ତାନରୁ କନସୁଲାର ସହାୟତା ମଧ୍ୟ ଅନୁରୋଧ କରାଯାଇଛି । ସରକାର ଏହାର ସମାଧାନ ଖୋଜିବାକୁ ଚେଷ୍ଟା କରୁଛନ୍ତି। ପାକିସ୍ତାନ ପକ୍ଷରୁ କନସୁଲାର ସହାୟତା ମାଗିଥିବା ଭାରତ କହିଛି। ଭାରତୀୟ ନାଗରିକଙ୍କୁ ସ୍ୱଦେଶ ଫେରାଇ ଆଣିବା ମାମଲାରେ ଏକ ବଡ଼ ଜଟିଳତା ଦେଖାଦେଇଛି। ଭାରତ ସରକାରଙ୍କ କହିବା ଅନୁଯାୟୀ, ନାବିକମାନଙ୍କ ଦୁର୍ଦ୍ଦଶା ସିଧାସଳଖ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ରାଜନୈତିକ କିମ୍ବା କୂଟନୈତିକ ବିବାଦ ସହିତ ଜଡିତ ନୁହେଁ, ବରଂ ଜାହାଜର ମାଲିକ ଏବଂ ଏହାର କର୍ମଚାରୀଙ୍କ ମଧ୍ୟରେ ବାଣିଜ୍ୟିକ ବିବାଦ ସହିତ ଜଡିତ। ଏହି କାରଣରୁ ନାବିକମାନଙ୍କ ଫେରିବାରେ ଲଗାତାର ବିଳମ୍ବ ହେଉଛି ।

ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ଭାରତ ଆସୁଛନ୍ତ ଜଣେ ପାକିସ୍ତାନୀ ମନ୍ତ୍ରୀ

ଆଗାମୀ ସପ୍ତାହରେ ଦିଲ୍ଲୀରେ ହେବାକୁ ଥିବା SCO ସମ୍ମିଳନୀରେ ହେବେ ସାମିଲ୍



ନୂଆଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୀର୍ଘ ଦିନ ଧରି ତିକ୍ତ ସମ୍ପର୍କ ରହିଛି, କିନ୍ତୁ ଏହାରି ଭିତରେ ଏକ ଭଲ ଖବର ଅଛି । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ପାକିସ୍ତାନର ଜଳବାୟୁ ମନ୍ତ୍ରୀ, ମୁସାଦିକ୍ ମାସୁଦ ମାଲିକ, ନଭେମ୍ବର ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ଝଉଡ ସମ୍ମିଳନୀରେ ଯୋଗଦେବେ । ତିନି ବର୍ଷରୁ ଅଧିକ ସମୟ ମଧ୍ୟରେ ଏହା ଜଣେ ପାକିସ୍ତାନୀ ମନ୍ତ୍ରୀଙ୍କ ପ୍ରଥମ ଭାରତ ଗସ୍ତ ହେବ । ଏହାକୁ ଦୁଇ ଦେଶ ମଧ୍ୟରେ ଆଲୋଚନା ଏବଂ ସମ୍ପର୍କକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ପୂର୍ବରୁ, ପାକିସ୍ତାନର ତତ୍କାଳୀନ ବୈଦେଶିକ ମନ୍ତ୍ରୀ, ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀ ମେ ୨୦୨୩ ରେ ଭାରତ ଗସ୍ତ କରିଥିଲେ । ସେ ଗୋଆରେ ଝଉଡ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ । ବର୍ତ୍ତମାନ, ମୁସାଦିକ୍ ମାସୁଦ ମାଲିକ ଝଉଡରେ ଅଂଶଗ୍ରହଣ କରିବାକୁ ଦିଲ୍ଲୀ ଆସୁଛନ୍ତି । ଇସଲାମାବାଦ ଶନିବାର ଘୋଷଣା କରିଛି ଯେ, ପାକିସ୍ତାନ ଆସନ୍ତା ସପ୍ତାହରେ ଝଉଡ ଶିଖର ସମ୍ମିଳନୀ ପାଇଁ ଭାରତକୁ ଜଣେ ମନ୍ତ୍ରୀ ପଠାଇବ । ଅପରେସନ ସିନ୍ଦୁର ପରେ ଏହା ଜଣେ ପାକିସ୍ତାନୀ ମନ୍ତ୍ରୀଙ୍କ ପ୍ରଥମ ଗସ୍ତ ହେବ । ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ୍ ମାଲିକ ନଭେମ୍ବର ୨୦ ରୁ ୨୨ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (SCO) ସଭ୍ୟତା ଆଲୋଚନାରେ ପାକିସ୍ତାନର ପ୍ରତିନିଧିତ୍ୱ କରିବେ । ୨୦୨୫ ମେ ମାସରେ ଅପରେସନ୍ ସିନ୍ଦୁର ପରେ ପାକିସ୍ତାନର କୌଣସି ମନ୍ତ୍ରୀଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ । ପାକିସ୍ତାନର ସଂସ୍କୃତି ମନ୍ତ୍ରୀ ଔରଙ୍ଗଜେବ ଖାନ ଖୁଚିଙ୍କୁ ଏହି ଫୋରମକୁ ନିମନ୍ତ୍ରଣ କରାଯାଇଥିଲା, ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ବର୍ଷ ଚୀନର ତିଆନଜିନ୍ରେ ଝଉଡ ବୈଠକ ସମୟରେ ପ୍ରସ୍ତାବ ଦେଇଥିଲେ । ଏହାର ଉଦ୍ଦେଶ୍ୟ ହେଉଛି ୧୦ ଟି ଝଉଡ ସଦସ୍ୟ ରାଷ୍ଟ୍ର ଏବଂ ୧୫ ଟି ସଂଳାପ ଅଂଶୀଦାର ଦେଶର ସହଭାଗୀତ୍ୱ ଐତିହ୍ୟକୁ ବିକାଶ ଏବଂ ପ୍ରଦର୍ଶନ କରୁଥିବା ପ୍ରକଳ୍ପ ଗୁଡ଼ିକୁ ପ୍ରୋତ୍ସାହିତ କରିବା । ୨୦୧୬ ପଠାଣକୋଟ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସ୍ଥଗିତ ହୋଇଯାଇଥିଲା। ସେହି ଦଶନ୍ଧି ମଧ୍ୟରେ ଭାରତ ଗସ୍ତରେ ଆସିଥିବା ମଲିକ ତୃତୀୟ ପାକିସ୍ତାନୀ ମନ୍ତ୍ରୀ ହେବେ । ସେବେଠାରୁ, କେବଳ ଦୁଇ ଜଣ ପାକିସ୍ତାନୀ ମନ୍ତ୍ରୀ ଭାରତ ଗସ୍ତ କରିଛନ୍ତି । ୨୦୧୬ରେ ଅମୃତସରରେ ହାର୍ଟ ଅଫ୍ ଏସିଆ ବୈଠକ ପାଇଁ ସରତାଜ ଅଜିଜ୍ ଭାରତ ଆସିଥିଲେ ଏବଂ ୨୦୨୩ରେ ବିଲାୱାଲ ଭୁଟ୍ଟୋ ଗୋଆରେ ଏସସିଓ ବୈଦେଶିକ ମନ୍ତ୍ରୀ ପରିଷଦ ବୈଠକରେ ଯୋଗଦେବା ପାଇଁ ଭାରତ ଆସିଥିଲେ । ୨୦୨୪ରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏସସିଓ ସରକାରୀ ମୁଖ୍ୟ ପରିଷଦ ବୈଠକରେ ଯୋଗଦେବା ପାଇଁ ଇସଲାମାବାଦ ଗସ୍ତ କରିଥିଲେ । ୨୦୧୫ରେ ସୁଷମା ସ୍ୱରାଜଙ୍କ ଗସ୍ତ ପରେ ଏହା ପ୍ରଥମ ଥର ପାଇଁ ଜଣେ ଭାରତୀୟ ମନ୍ତ୍ରୀ ଇସଲାମାବାଦ ଗସ୍ତ କରିଥିଲେ । ଏହି ସମସ୍ତ ବୈଠକ ବହୁପାକ୍ଷିକ ହୋଇଛି, କାରଣ ଭାରତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛି । ଭାରତ ବିଶ୍ୱାସ କରେ ଯେ ଆତଙ୍କବାଦ ଏବଂ ଆଲୋଚନା ଏକାଠି ହୋଇପାରିବ ନାହିଁ ।

ଭାରତକୁ ଆତ୍ମରକ୍ଷା କରିବାର ପୂରା ଅଧିକାର ଅଛି, ସେ ଆମର ବୈଶ୍ୱିକ ସହଯୋଗୀ', ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ଆମେରିକାର କଡା ବାର୍ତ୍ତା



ନୂଆଦିଲ୍ଲୀ : ଭାରତ-ଆମେରିକା ସମ୍ପର୍କକୁ ନେଇ ପୂର୍ବତନ ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍ ଙ୍କ ବିବୃତ୍ତି ଯଥେଷ୍ଟ ଧ୍ୟାନ ଆକର୍ଷଣ କରୁଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମିଟ୍ ୨୦୨୬ରେ ସେ ଆତଙ୍କବାଦ, ପାକିସ୍ତାନ, ରୁଷ ଏବଂ ଭାରତ-ଆମେରିକା ରଣନୈତିକ ସହଭାଗୀତା ଭଳି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ । ତାଙ୍କ ଭାଷଣ ସମୟରେ ବ୍ଲିଙ୍କେନ୍ ସ୍ପଷ୍ଟ ଭାବରେ କହିଥିଲେ ଯେ, ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ-ସହନଶୀଳତା ନୀତି ଗ୍ରହଣ କରାଯିବା ଉଚିତ । ଏହାର ଅର୍ଥ ହେଉଛି ଯେ କୌଣସି ପରିସ୍ଥିତିରେ ଆତଙ୍କବାଦକୁ ସହ୍ୟ କରାଯାଇ ପାରିବ ନାହିଁ, ଆଉ ଭାରତ ଏହି କଥାକୁ ବାରମ୍ବାର ଦୋହରାଇଛି । ବ୍ଲିଙ୍କେନ୍ ସ୍ପଷ୍ଟ ଭାବରେ କହିଥିଲେ ଯେ, ଆମେରିକା ଭାରତର ଆତ୍ମରକ୍ଷା ଅଧିକାରକୁ ସମ୍ମାନ କରିବା ଉଚିତ । ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ, ଭାରତ ଏବଂ ପାକିସ୍ତାନ ଉଭୟ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ହୋଇଥିବାରୁ ଯେକୌଣସି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ କୂଟନୈତିକ ପ୍ରୟାସ ଅତ୍ୟାବଶ୍ୟକ, ଯାହା ସଂଘର୍ଷକୁ ବୃଦ୍ଧି ପାଇବାରୁ ରୋକିଥାଏ । ତାଙ୍କର କୂଟନୈତିକ ବିବୃତ୍ତି ସୂଚିତ କରୁଛି ଯେ ଆମେରିକା ଗୋଟିଏ ପଟେ ଭାରତର ସୁରକ୍ଷା ଚିନ୍ତାକୁ ସମର୍ଥନ କରିବା ଉଚିତ ଏବଂ ଅନ୍ୟପଟେ ଏହି ଅ ଳରେ ଶାନ୍ତି ବଜାୟ ରଖିବା ପାଇଁ ଆଲୋଚନାର ପଥ ଖୋଲା ରଖିବା ଉଚିତ । ବ୍ଲିଙ୍କେନ୍ ତାଙ୍କ ବିବୃତ୍ତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ ଯେ, ଆମେରିକାକୁ ଆଉ ଭାରତ ସହିତ ସମ୍ପର୍କକୁ ପାକିସ୍ତାନ ଦୃଷ୍ଟିକୋଣରୁ ଦେଖିବାର ଆବଶ୍ୟକତା ନାହିଁ । ତାଙ୍କ ମତରେ, ଆମେରିକା-ଭାରତ ସହଭାଗୀତାର ନିଜସ୍ୱ ଗୁରୁତ୍ୱ ଅଛି ଏବଂ ଏହା କୌଣସି ତୃତୀୟ ଦେଶ ସହିତ ସମ୍ପର୍କ ଦ୍ୱାରା ନିର୍ଣ୍ଣୟ କରାଯିବା ଉଚିତ ନୁହେଁ । ପାକିସ୍ତାନ ପ୍ରସଙ୍ଗରେ, ବ୍ଲିଙ୍କେନ୍ ସ୍ୱୀକାର କରିଛନ୍ତି ଯେ, ଶୀତଳ ଯୁଦ୍ଧ ସମୟରେ ଏବଂ ୨୦୦୧ ଆତଙ୍କବାଦୀ ଆକ୍ରମଣ ପରେ ଆଫଗାନିସ୍ତାନରେ ଆମେରିକାର ସାମରିକ ଅଭିଯାନ ସମୟରେ, ୱାଶିଂଟନ୍ ପ୍ରାୟତଃ ପାକିସ୍ତାନର ରଣନୈତିକ ସ୍ୱାର୍ଥ ଯୋଗୁଁ ପାକିସ୍ତାନର ସାମରିକ ଏବଂ ରାଜନୈତିକ ନେତୃତ୍ୱ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାରୁ ବିରତ ରହୁଥିଲା । ବ୍ଲିଙ୍କେନ୍ ବିଶ୍ୱାସ କରନ୍ତି ଯେ ପାକିସ୍ତାନର ରାଜନୈତିକ ଏବଂ ସାମରିକ ବ୍ୟବସ୍ଥାକୁ ସନ୍ତୁଳିତ କରିବାରେ ଆମେରିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ, କିନ୍ତୁ ପାକିସ୍ତାନୀ ଜନତା ନିଷ୍ପତ୍ତି ନେବା ଉଚିତ ଯେ ସେଠାରେ ସରକାର କିପରି କାର୍ଯ୍ୟ କରିବ । ଭାରତ-ଆମେରିକା ସମ୍ପର୍କ ବିଷୟରେ କହି ବ୍ଲିଙ୍କେନ୍ କହିଛନ୍ତି ଯେ, ଦୁଇ ଦେଶ ଦୀର୍ଘ ସମୟ ଧରି ଦୂରରେ ରହିଥିଲେ, କିନ୍ତୁ ବର୍ତ୍ତମାନ ସେମାନଙ୍କ ମଧ୍ୟରେ ଏକ ଦୃଢ଼ ରଣନୈତିକ ସହଭାଗୀତା ବିକଶିତ ହୋଇଛି । ସେ ବେସାମରିକ ପରମାଣୁ ଚୁକ୍ତିକୁ ଏହି ସମ୍ପର୍କରେ ଏକ ପ୍ରମୁଖ ପରିବର୍ତ୍ତନକାରୀ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ । ବ୍ଲିଙ୍କେନଙ୍କ ଅନୁସାରେ, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା, ମହାକାଶ ଏବଂ କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ର ଭବିଷ୍ୟତରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବ । ଏହି କ୍ଷେତ୍ରରେ ଏକାଠି କାମ କରିବା ଦ୍ୱାରା ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢାଇବା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବାରେ ସାହାଯ୍ୟ ମିଳିପାରିବ। ବ୍ଲିଙ୍କେନ୍ ମଧ୍ୟ ଭାରତର ରଣନୈତିକ ସ୍ୱାୟତ୍ତତାକୁ ସମର୍ଥନ କରିଥିଲେ । ସେ କହିଛନ୍ତି ଯେ ଆମେରିକା ପ୍ରତ୍ୟେକ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଭାରତକୁ ସମର୍ଥନ କରିବ ବୋଲି ଆଶା କରିବା ଉଚିତ୍ ନୁହେଁ ।

ହୋର୍ମୁଜରେ ଆମେରିକାର ଘେରାବନ୍ଦୀ : ମୁତୟନ କଲା F-16 ଫାଇଟର୍ ଜେଟ୍



ନୂଆଦିଲ୍ଲୀ,୧୫/୧୧; ମିଡ୍ ଟର୍ମ ନିର୍ବାଚନ ହାରିବା ପରେ ଟ୍ରମ୍ପ ଟ୍ରାକ୍କୁ ଫେରିବ ବୋଲି ଅନୁମାନ କରାଯାଉଥିଲା । ଇରାନ୍-ଆମେରିକା ମଧ୍ୟରେ ଯୁଦ୍ଧ ବନ୍ଦ ହେବ ଶାନ୍ତି ଫେରିବ ବୋଲି ଆକଳନ କରାଯାଉଥିଲା । କିନ୍ତୁ ସେମିତି କିଛି ବି ହୋଇନାହିଁ । ଏବେ ବି ଇରାନ୍ ଏବଂ ଆମେରିକା ମଧ୍ୟରେ ଛକା ପଞ୍ଜା ଜାରି ରହିଛି । ମଧ୍ୟପ୍ରାଚ୍ୟରେ ଆମେରିକା-ଇରାନ ଉତ୍ତେଜନା ମଧ୍ୟରେ, ଆମେରିକୀୟ ବାୟୁସେନାର **F-16** ଲଢୁଆ ବିମାନ ନିୟମିତ ଭାବରେ ସାମୁଦ୍ରିକ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ କରୁଛନ୍ତି । ଆମେରିକୀୟ କେନ୍ଦ୍ରୀୟ କମାଣ୍ଡ ଅନୁଯାୟୀ, ଆମେରିକୀୟ ସାମରିକ ସୁରକ୍ଷାରେ ହୋର୍ମୁଜ ପ୍ରଣାଳୀ ଦେଇ ୧.୭ ବିଲିୟନ ବ୍ୟାରେଲରୁ ଅଧିକ ଅଶୋଧିତ ତେଲ ପରିବହନ କରାଯାଇଛି । ହୋର୍ମୁଜରେ ଆମେରିକା ଘେରାବନ୍ଦି କରି`G-16 ଫାଇଟର୍ ଜେଟ୍ ମୁତୟନ କରି ଇରାନ୍‌କୁ ଖୋଲା ଖୋଲି ଚ୍ୟାଲେଞ୍ଜ କରିଛି । **CENTCOM** ନଭେମ୍ବର ୧୪ ତାରିଖରେ ସୋସିଆଲ ମିଡିଆରେ **F-16** ପାଟ୍ରୋଲିଂର ଏକ ଫଟୋ ସେୟାର କରିଛି । ହୋର୍ମୁଜ ପ୍ରଣାଳୀ ଉପରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଅଧିକ ରହିଛି, ଯେଉଁଠାରେ ବିଶ୍ୱର ୨୦ ପ୍ରତିଶତ ତେଲ ପରିବହନ କରାଯାଏ। ହୋର୍ମୁଜ୍ ପ୍ରଣାଳୀରେ ଏତେ ଛକାପଞ୍ଜା କାହିଁକି ? ହୋର୍ମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ମଧ୍ୟରୁ ଗୋଟିଏ । ଯଦିଓ ଏହା ଇରାନ ଏବଂ ଓମାନ ମଧ୍ୟରେ ଏକ ସଂକୀର୍